# Akashvani, Sambalpur

## SAMBALPURI NEWS BULLETIN

### 28 June 2025- 6.47- 6.52 am.

*********************************************

ରଥଯାତ୍ରା ଆର୍‌ଏନ୍‌ୟୁ ସମ୍ବଲପୁର୍

ଶ୍ରୀକ୍ଷେତ୍ର ପୁରୀ ନ ମହାପୁରୁମାନ୍‌କର୍ ତିନ୍‌ହି ରଥ ବଡ଼ଦାଣ୍ଡର ଭିନ୍ ଭିନ୍ ଜାଗା ନ ଅଟ୍‌କି ରହିଛେ । ଆଏଜ୍ ସଖାଲ୍‌ବେଲା ସାଢ଼େ ୯ ବଜେନୁ ରଥଘିଚା ଫେର୍ ଘାଏ ମୁଲ୍ ହେବା । ଗଲାକାଏଲ୍ ଉପରବେଲା ୪ ବାଜିକରି ୫ ମିନିଟ୍ ବେଲ୍‌କେ ପହେଲା ବଳଭଦ୍ରଙ୍କର୍ ତାଳଧ୍ୱଜ ରଥ ଘିଚା ହେବାର୍ ଉତ୍‌ରୁ ୬ ବାଜିକରି ୧୦ ମିନିଟ୍‌କେ ଦେବୀ ସୁଭଦ୍ରାଙ୍କର୍ ଦର୍ପଦଳନ୍ ରଥ ଘିଁଚା ମୁଲ୍ ହେଇଥିଲା । ରାତିର୍ ସାଢ଼େ ୭ ବଜେତକ୍ ରଥ ଘିଁଚା ହେଇଥିବା ବେଲେ ତାଳଧ୍ୱଜ ବଳଗଣ୍ଡିଠାନେ, ଦର୍ପଦଳନ ରଥ ମାର୍କେଟ୍ ଛକ୍ ଆଉ ନନ୍ଦିଘୋଷ ରଥ ସିଂହଦ୍ୱାର ନ ଅଟ୍‌କି ରହିଛେ । ସେଆଡ଼େ ଶ୍ରୀ ଗୁଣ୍ଡିଚା ରଥ ଯାତ୍ରା ସମିଆଥି କେନ୍‌ସି ପ୍ରକାରର୍ ଅଘଟଣ ନାଇ ହେଇ ଆଉ ମାହାପୁରମାନ୍‌କର ସବୁ ନୀତିକାନ୍ତି ଠିକ୍ ସମିଆଥି ହେଇଛେ ବଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ସୂଚ୍‌ନା ଦେଇଛନ୍ । ଆଏଜ୍ ଉପର୍‌ବେଲାତକ୍ ତିନ୍‌ହି ରଥ ଗୁଣ୍ଡିଚା ମନ୍ଦିର୍ ପାଖେ

ପୁହୁଁଚିବେ । ଇତାର୍‌ଉତ୍‌ରୁ ଆଏବା କାଏଲ୍ ମାହାପୁରୁମାନ୍‌କର୍ ଆଡ଼ପ ମଣ୍ଡପ ବିଜେ ହେବାର୍ କାର୍ଯ୍ୟସୂଚୀ ରହିଛେ ।

ପ୍ରଧାନମନ୍ତ୍ରୀ-ଓଡ଼ିଶାର୍ ରେଲ୍ ଭିତିଭୂମି ପିଆଇବି

ଓଡ଼ିଶାର୍ ରେଲ୍ ଭିତିଭୂମିର୍ ବିକାଶ ଲାଗି ଗଲା ୧୧ ବଛର୍ ଗୁଟେ ଐତିହାସିକ୍ ସିମଆ ଆଏ ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ସାମାଜିକ ଗଣମାଧ୍ୟମ ପୋଷ୍ଟ୍ ଜରିଏ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ରଥଯାତ୍ରା ସମିଆଥି ପୁରୀକେ ଆସୁଥିବା ତୀର୍ଥଯାତ୍ରୀମାନ୍‌ଙ୍କର୍ ଲାଗି ରେଲ୍ ଯାତ୍ରା କେନ୍ତାକରି ଆହୁରି ସୁଗମ୍ କରାଯାଇ ପାର୍‌ବା ସେ ବାବ୍‌ଦେ ରେଲ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କହିଛନ୍ । ଗଲା ୧୧ ବଛର୍ ଭିତ୍‌ରେ ପ୍ରଧାନମନ୍ତ୍ରୀଙ୍କର୍ ପୂର୍ବୋଦୟ ନୀତି ଲାଗି ଓଡ଼ିଶାର୍ ରେଲ୍ ଭିତିଭୂମିଥି ଗୁର୍‌ଦୁଟେ ଉନ୍ନତି ହେଇପାରିଛେ । ୨୦୦୯ ରୁ ୨୦୧୪ ତୁଲ୍‌ନାଥି ଇହାଦେ ଓଡ଼ିଶାର୍ ଲାଗି ରେଲ୍ ଅନୁଦାନ୍ ୧୨ ଗୁନା ବଢ଼ିଛେ । ୨୦୨୫-୨୬ବେଲ୍‌କେ ଇଟା ୧୦ ହଜାର ୫ ଶହ କୋଟିକେ ପୁହୁଁଚିଛେ ବଲି ରେଲ୍ ମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚ୍‌ନା ଦେଇଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୩ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।
ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । କାଏଲ୍ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ୩୦ ତାରିଖ୍ ସୋମ୍‌ବାର୍ ଦିନ ଭୁବ୍‌ନେଶ୍ୱର୍ ଅଭିଯୋଗ୍ ଶୁଣାଣି ଶିବିର୍ ଠାନେ ଲୁକ୍‌କର୍ ଅଭିଯୋଗ୍ ମାନ୍‌କର୍ ଶୁଣାଣି କର୍‌ବେ । ଶୁଣାଣି ଲାଗି ଗଲାକାଏଲ୍ ଦିନର୍ ୧୨ ବଜେନୁ ପଞ୍ଜିକରଣ୍ ମୁଲ୍ ହେଇଛେ । ଇଥିର୍‌ଲାଗି ସବୁନୁ ଜହ ହଜାରେ ଲୋକ୍ ଅନ୍‌ଲାଇନ୍ ପଞ୍ଜିକରଣ୍ କରିପାର୍‌ବେ । ଇଚ୍ଛୁକ

ଆବେଦନ୍‌କାରୀ ଜନଶୁଣାଣି ପୋର୍ଟାଲ୍ janasunani.odisha.gov.in ନାହେଲେ ଜନଶୁଣାଣି ମୋବାଇଲ୍ ଆପ୍ଲିକେସନ୍ ଜରିଏ ପଞ୍ଜିକରଣ୍ କରିପାର୍‌ବେ ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଡାକ୍‌ଘର-ଡିଜିଟାଲ୍ ପେମେଂଟ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ଅଗଷ୍ଟ ମାସୁ ସାରା ଦେଶେ ଡାକ୍ ଘରମାନେ ଡିଜିଟାଲ୍ ପେମେଂଟ୍ ଗ୍ରହଣ କର୍‌ବେ । ନିଜର୍ ଆଇଟି ସିଷ୍ଟମ୍‌ଥି ନୂଆ ଏପ୍ଲିକେସନ୍ ମୁଲ୍ କରାଯିବାର୍ ଉତ୍‌ରୁ ଇ ସେବା ମିଲିପାର୍‌ବା ବଲି ସରକାରୀ ସୂତ୍ରନୁ ଜନାପଡ଼ିଛେ । ଇ ଆପ୍ଲିକେସନ୍ ମାନ୍ ଡାଇନାମିକ୍ କ୍ୟୁ-ଆର୍ ସହେତେ ଲେନ୍‌ଦେନ୍ ସୁବିଧା ଯୁଗେଇ ଦେବା ବଲି ଜନାପଡ଼ିଛେ ।

ବିଇଡି ପ୍ରବେଶିକା ଘୁଁଚ୍‌ଲା I&PR

୨୦୨୫-୨୬ ଶିକ୍ଷା ବଛ୍‌ରେ ବିଇଡି, ବିଏଚ୍‌ଇଡି ଆର୍ ଏମ୍‌ଇଡି ବିଷେଥି ନାଁଲେଖା ଲାଗି ହେବାର୍‌କେ ଥିବା ପ୍ରବେଶିକା ପରୀକ୍ଷାକେ ଘୁଚେଇ ଦିଆଯାଇଛେ । ଖୋବ୍ ଜଲ୍‌ଦି ରାଜ୍ୟ ଚୟନ ବୋର୍ଡ଼ ତର୍‌ଫୁ ନୂଆଁ

ତାରିଖ୍ ଘୋଷ୍ନା କରାଯିବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଆଇଆଇଏମ୍-ଏମ୍ବିଏ  ଆର୍ଏନ୍ୟୁ/ ସମ୍ବଲପୁର/ଏକ୍ସ

ଭିନ୍ ଭିନ୍ କ୍ଷେତ୍ରଥି କାମ୍ କରୁଥିବା ଲୁକ୍କର ଲାଗି ଆଇଆଇଏମ୍ ସମ୍ବଲପୁର ତର୍ଫୁ ଏମ୍ବିଏ ପାଠ୍ପଢ଼ା ଲାଗି ଆବେଦନ୍ ଆହ୍ୱାନ୍ କରାଯାଇଛେ । ଇ ପାଠ୍ୟକ୍ରମ୍ ୨ ବଛର୍ ତକ୍ ଚାଲ୍ବା । ପାଠ୍ୟକ୍ରମ୍ ଜରିଏ ଉଦ୍ୟୋଗୀମାନଙ୍କର୍ ସହେତେ ଭିନ୍ ଭିନ୍ କ୍ଷେତ୍ରଥି କାମ୍ କରୁଥିବା ଲୁକେ ନିଜର୍ ନେତୃତ୍ୱ ନେବାର୍ ଦକ୍ଷତା ବଢ଼େଇ ପାର୍ବେ ବଲି ଆଇଆଇଏମ୍ ସମ୍ବଲପୁର ତର୍ଫୁ କୁହାଯାଇଛେ ।

ଖଡ଼ିଆଳ ରଥଯାତ୍ରା                ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲର ବଡ଼ ଦଧିବାମନ ମନ୍ଦିରନୁ ମାହାପୁରୁ ଶ୍ରୀଜଗନ୍ନାଥ ରଥଥି ଖଡ଼ିଆଳ ନଗର ମାଉସୀ ମାଁ ମନ୍ଦିରକେ ଗଲାକାଏଲ୍ ଯାତ୍ରା କରିଛନ୍ । ସୂଚ୍ନା ଅନ୍ସାରେ, ଖଡ଼ିଆଳ ଠାନେ ୩ଟା ଜଗନ୍ନାଥ ମନ୍ଦିର ନ ୩ଟା ଅବତାରଥି ମାହାପୁର ପୂଜା ପାଉଛନ୍ । ତିନ୍ହି ଅବତାର ରଥଥି ନଗର ପରିକ୍ରମା କର୍ସନ୍ । ଦଧିବାମନ

ଅବତାରଥି ମାହାପୁର ଜଗନ୍ନାଥଙ୍କର୍ ରଥ ନ ପାରମ୍ପରିକ ନୀତି ଅନ୍‌ସାରେ ଖଡ଼ିଆଲ ଯୁବରାଜ ଦେବ ଦେବ ସିଂହଦେଓ ଛେରା ପହଁରା କରିଥିଲେ । ଇ ଅବ୍‌ସରେ ଖଡ଼ିଆ ଠାନେ ଭକ୍ତଙ୍କର୍ ଜବର୍ ଭିଡ଼୍ ଲାଗି ରହିଥିଲା ।

ହକି ଇଣ୍ଡିଆ ମାଷ୍ଟର୍ସ କପ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ତାମିଲନାଡୁର ଚେନ୍ନାଇଠାନେ ହେଇଥିବା ପହେଲା ହକି ଇଣ୍ଡିଆ ମାଷ୍ଟର୍ସ କପ୍ ମହିଳା ବର୍ଗ ଫାଇନାଲ୍‌ଥି ଓଡ଼ିଶା ଦଲ୍ ଚେମ୍ପିଅନ୍ ହେଇଛେ । ଫାଇନାଲ୍ ଲଢ଼େଇଥି ଓଡ଼ିଶା ଦଲ୍ ପଞ୍ଜାବ୍‌କେ ୧-୦ ଗୋଲ୍‌ଥି ହରେଇକରି ଟାଇଟଲ୍ ହାସଲ୍ କରିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ତାର୍ ଆଖର୍‌ପାଖର୍ ଇଲାକା ନ ସକ୍ରିୟ ଥିବା ଘୂର୍ଣ୍ଣିବଲୟ ଲଘୁଚାପ୍‌ର ରୂପ୍ ନେଇଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦର୍‌ଗଡ୍ ଆଉ

କେନ୍ଦୁଝର ଜିଲ୍ଲାନ ଜବର୍ ବର୍ଷା ହେଇପାରେ । ରାଏଜର୍ ପାଖାପାଖି ଜିଲ୍ଲାକେ ଚଢ଼କ୍ ମରା ଆଉ ବର୍ଷା ଲାଗି ପାଣିପାଗ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।